بسم الله الرحمٰن الرحیم

**ଖୁତ୍‌ବା ଜୁମା ୨୫ ଡ଼ିସେମ୍ବର ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରୀ ସାହାବୀ ହଜ଼ରତ ଅଲୀ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ହଜ଼ରତ ଉସ୍‌ମାନ୍ ର.ଅଙ୍କ ଶାହାଦତ୍ ଘଟଣା ବିଷୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ପ୍ରତି ଦୃଷ୍ଟି ଆକର୍ଷଣ କରି ହଜ଼ରତ ମୁସ୍‌ଲେହ୍ ମଉଦ୍ ର.ଅ କହନ୍ତି କି ଯେହେତୁ ତୁମେମାନେ ଆଁହଜ଼ରତ ସ.ଅଙ୍କ ସାହାବାମାନଙ୍କ ସହିତ ସାଦୃଶ୍ୟତା ରଖୁଛ । ତେଣୁ ମୁଁ ଚାହୁଁଛି କି ଇତିହାସରୁ ମୁଁ ବର୍ଣ୍ଣନା କରିବି ଯେ, ମୁସଲମାନମାନଙ୍କର କିଭଳି ଅଧପତନ ଘଟିଲା ଏବଂ କେଉଁ କାରଣମାନ ଯୋଗୁଁ ସେମାନେ ବିପର୍ଯ୍ୟସ୍ତ ହେଲେ । ସୁତରାଂ ତୁମେମାନେ ସାବଧାନ ହୋଇଯାଅ ! ଏବଂ ତୁମମାନଙ୍କ ମଧ୍ୟରେ ନବାଗତ ମୁସଲମାନମାନଙ୍କ ଶିକ୍ଷା ଏବଂ ସଂସ୍କାର ଲାଗି ବ୍ୟବସ୍ଥା କର । ହଜ଼ରତ ଉସ୍‌ମାନ୍ ର.ଅଙ୍କ ସମୟରେ ଯେଉଁ ଉପଦ୍ରବର ସୂତ୍ରପାତ ହୋଇଥିଲା ତାହା ସାହାବାମାନଙ୍କ ଦ୍ୱାରା ସୃଷ୍ଟି ହୋଇ ନଥିଲା ଏବଂ ଯେଉଁ ଲୋକମାନେ ଏହା କୁହନ୍ତି କି ସେହି ଉପଦ୍ରବଟି ସାହାବାମାନଙ୍କ ଦ୍ୱାରା ହିଁ ସୃଷ୍ଟି ହୋଇଥିଲା ସେମାନଙ୍କୁ ଭ୍ରମ ଲାଗିଛି । ଉକ୍ତ ଉପଦ୍ରବର କେନ୍ଦ୍ରବିନ୍ଦୁ ସାହାବାମାନେ ନଥିଲେ ବରଂ ସେହି କଳହ ପ୍ରିୟ ତଥା ଉପଦ୍ରବକାରୀମାନେ ଥିଲେ ଯେଉଁମାନେ ପରବର୍ତ୍ତୀ ପର୍ଯ୍ୟାୟରେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ ଏବଂ ଯେଉଁମାନଙ୍କୁ ଆଁହଜ଼ରତ ସ.ଅଙ୍କ ପବିତ୍ର ସଙ୍ଗତ ଲାଭ ହୋଇ ନଥିଲା ଏବଂ ଯେଉଁମାନେ ଆଁହଜ଼ରତ ସ.ଙ୍କ ସତ୍‌ସଙ୍ଗରେ ବସି ନଥିଲେ । ଅତଏବ ମୁଁ ଆପଣମାନଙ୍କୁ ସଚେତନ କରୁଛି ଏବଂ ଉପଦ୍ରବ ଠାରୁ ସୁରକ୍ଷିତ ରହିବାର ଉପାୟ ବିଷୟରେ ଅବଗତ କରୁଛି । (ହଜ଼ରତ ମୁସ୍‌ଲେହ୍ ମଉଦ୍ ର.ଅ ଯେତେବେଳେ ଉପରୋକ୍ତ କଥା କହୁଥିଲେ ସେତେବେଳେ ସେ କ଼ାଦିୟାନରେ ଥିଲେ ।) କି ଆପଣମାନେ ଏକାଧିକ ବାର କ଼ାଦିୟାନ ଆସନ୍ତୁ ଏବଂ ବାରମ୍ବାର ଆସନ୍ତୁ । କାରଣ ଏହାଦ୍ୱାରା ତୁମମାନଙ୍କର ବିଶ୍ୱାସ ସତେଜ ଓ ସଦ୍ୟ ରହିବ ଏବଂ ଅଲ୍ଲାଃତାଲାଙ୍କ ପ୍ରତି ଭୟ ତୁମ ହୃଦୟରେ ଅଭିବୃଦ୍ଧି ଘଟିବ ।

ହୁଜୁର ଅନୱର୍ ଅ.ବ କହିଲେ ଆଜିକାଲି ଅଲ୍ଲାଃତାଲା ଆମମାନଙ୍କୁ ଏମ.ଟି.ଏ ଆକାରରେ ଏକ ସୁନ୍ଦର ମାଧ୍ୟମ ଯୋଗାଇ ଦେଇଛନ୍ତି । ଏଣୁ ସଂସ୍କାର ନିମନ୍ତେ ଏହା ଅତ୍ୟନ୍ତ ଆବଶ୍ୟକ ଯେ, ଏମ.ଟି.ଏ ବ୍ୟତୀତ ଆପଣମାନେ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକଗୁଡ଼ିକର ଅଧ୍ୟୟନ କରନ୍ତୁ ଏବଂ ଏମ.ଟି.ଏ ସହିତ ମଧ୍ୟ ଯୋଡ଼ି ହୋଇ ରୁହନ୍ତୁ ଏବଂ ବିଶେଷ କରି ଜୁମାର ଖୁତ୍‌ବା ଅବଶ୍ୟ ଶୁଣନ୍ତୁ । ଯେପରି ଆପଣମାନଙ୍କର ଖ଼ିଲାଫତ୍ ସହିତ ଦୃଢ଼ ସଂପର୍କ ସ୍ଥାପନ ହେଉ ଏବଂ ଏହି ସଂପର୍କ ଆଗକୁ ପରିମାର୍ଜିତ ଓ ଉନ୍ନିତ ହୋଇଚାଲୁ ।

ହୁଜୁର ଅନୱର୍ ଅ.ବ କହିଲେ ଜମଲ୍ ଯୁଦ୍ଧ ହଜ଼ରତ ଅଲୀ ର.ଅ ଓ ହଜ଼ରତ ଆଏଶା ର.ଅଙ୍କ ମଧ୍ୟରେ ୩୬ ହିଜରୀରେ ହୋଇଥିଲା । ହଜ଼ରତ ଆଏଶା ର.ଅଙ୍କ ସହିତ ତଲ୍‌ହା ଓ ହଜ଼ରତ ଜୁବୈର୍ ର.ଅ ମଧ୍ୟ ଥିଲେ । ତତ୍‌ସଂକ୍ରାନ୍ତରେ ହଜ଼ରତ ଖଲିଫତୁଲ୍ ମସିହ୍ ସାନି ର.ଅ କହନ୍ତି କି ଉକ୍ତ ଯୁଦ୍ଧର ପ୍ରାରମ୍ଭରେ ହିଁ ହଜ଼ରତ ଜୁବୈର୍ ଓ ହଜ଼ରତ ଅଲୀ ର.ଅଙ୍କ ତୁଣ୍ଡରୁ ରସୁଲ୍ କରୀମ୍ ସ.ଅଙ୍କ ଏକ ଭବିଷ୍ୟବାଣୀ ଶୁଣି ପୃଥକ ହୋଇ ଯାଇଥିଲେ ଏବଂ ସେ ଏହି ଶପଥ କଲେ କି ସେ ହଜ଼ରତ ଅଲୀ ର.ଅଙ୍କ ସହିତ ଯୁଦ୍ଧ ଲଢିବେ ନାହିଁ ଏବଂ ସେ ଏହି କଥାର ସ୍ୱୀକାରୋକ୍ତି

ମଧ୍ୟ ପ୍ରକାଶ କଲେ କି ସେ ନିଜର ଇଜ୍‌ତିହାଦ୍ (ନିଜସ୍ୱ ବୁଝାମଣା)ରେ ତ୍ରୁଟି କରିଛନ୍ତି । ଅନ୍ୟ ପଟରେ ହଜ଼ରତ ତଲ୍‌ହା ମଧ୍ୟ ନିଜ ମୃତ୍ୟୁ ପୂର୍ବରୁ ହଜ଼ରତ ଅଲୀ ର.ଅଙ୍କର ବୈଅତ୍ ସ୍ୱୀକାର କରି ନେଇଥିଲେ । ଅତଏବ୍ ଅନ୍ୟ ସମସ୍ତ ସାହାବାମାନଙ୍କ ମତଭେଦର ନିର୍ଣ୍ଣୟ ତ' ଜମଲ୍ ଯୁଦ୍ଧରେ ହିଁ ହୋଇ ଯାଇଥିଲା । କିନ୍ତୁ ହଜ଼ରତ ମୁଆୱିୟା ର.ଅଙ୍କ ମତପାର୍ଥକ୍ୟତା ବାକି ରହି ଯାଇଥିଲା । ଏପର୍ଯ୍ୟନ୍ତକି ସଫିନ୍ ଯୁଦ୍ଧ ହେଲା । ଜମଲ୍ ଯୁଦ୍ଧର ଏହି କଳହରେ ସାହାବାମାନଙ୍କର କୌଣସି ହାତ ନଥିଲା ବରଂ ଉକ୍ତ ଉପଦ୍ରବତା ପଛରେ ମଧ୍ୟ ହଜ଼ରତ ଉସ୍‌ମାନ ର.ଅଙ୍କ ହତ୍ୟାକାରୀଙ୍କ ଉଦ୍ୟମ ରହିଥିଲା । ଜମଲ୍ ଯୁଦ୍ଧର ପରିସମାପ୍ତି ପରେ ହଜ଼ରତ ଅଲୀ ର.ଅ ହଜ଼ରତ ଆଏଶା ର.ଅଙ୍କର ସମସ୍ତ ବାହନ ଏବଂ ମାର୍ଗରେ ଆବଶ୍ୟକୀୟ ଜିନିଷ ପତ୍ର ପ୍ରସ୍ତୁତ କଲେ ଏବଂ ହଜ଼ରତ ଆଏଶା ର.ଅଙ୍କୁ ଛାଡ଼ିବା ପାଇଁ ସ୍ୱୟଂ ବାହାରି ପଡ଼ିଲେ ଏବଂ ହଜ଼ରତ ଆଏଶା ର.ଅଙ୍କ ସହିତ ଯେଉଁ ବ୍ୟକ୍ତିମାନେ ଯିବାକୁ ଇଚ୍ଛୁକ ଥିଲେ ସେମାନଙ୍କୁ ତାଙ୍କ ସାଥିରେ ପ୍ରେରଣ କଲେ । ଯେଉଁଦିନ ହଜ଼ରତ ଆଏଶା ର.ଅ ଯାତ୍ରା ପାଇଁ ବାହାରିଲେ ସେଦିନ ହଜ଼ରତ ଅଲୀ ର.ଅ ହଜ଼ରତ ଆଏଶା ସିଦ୍ଦିକା ର.ଅଙ୍କ ନିକଟକୁ ଆସିଲେ ଏବଂ ଆପଣଙ୍କୁ ସମ୍ମାନ ପ୍ରଦାନ କରି ଛିଡ଼ା ହେଲେ ଏବଂ ସମସ୍ତ ଲୋକମାନଙ୍କ ଉପସ୍ଥିତିରେ ହଜ଼ରତ ଆଏଶା ର.ଅ ଲୋକଙ୍କ ସମକ୍ଷରୁ ବାହାରିଲେ ଏବଂ କହିଲେ କି ହେ ମୋର ସନ୍ତାନମାନେ ! ମୁଁ ତୁମମାନଙ୍କୁ ଦୁଃଖ ଦେଇ ଏବଂ ଅତ୍ୟାଚାର କରି, ତୁମମାନଙ୍କୁ କ୍ଷୁବ୍ଧ କରି ଦେଇଛି । ଭବିଷ୍ୟତରେ ଆମମାନଙ୍କର ଏହି ମତପାର୍ଥକ୍ୟତା ଯୋଗୁଁ କୌଣସି ବ୍ୟକ୍ତି ମଧ୍ୟ ପରସ୍ପର ଉପରେ ଅତ୍ୟାଚାର ନକରୁ ଏବଂ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୋର ଏବଂ ହଜ଼ରତ ଅଲୀଙ୍କ ମଧ୍ୟରେ ପ୍ରାରମ୍ଭରୁ ହିଁ କୌଣସି ମତାନ୍ତର ନଥିଲା । କିନ୍ତୁ ମାତ୍ର ସେତିକି ଯେତିକି ଶ୍ୱଶୂର ଘର ସଂପର୍କୀୟଙ୍କ ମଧ୍ୟରେ ସାଧାରଣତଃ ରାଗରୁଷା ହୋଇଥାଏ । ହଜରତ ଅଲୀ ର.ଅ କହିଲେ ହେ ଲୋକମାନେ ! ହଜ଼ରତ ଆଏଶା ର.ଅ ବେଶ୍ ଭଲ ଏବଂ ସତ୍ୟ କଥା କହିଛନ୍ତି । ହଜ଼ରତ ଆଏଶା ର.ଅ ଇହକାଳ ଓ ପରକାଳରେ ତୁମର ନବୀ ସ.ଅଙ୍କର ପବିତ୍ର ଅର୍ଦ୍ଧାଙ୍ଗିନୀ ଅଟନ୍ତି । ହଜ଼ରତ ଅଲୀ ର.ଅ ହଜ଼ରତ ଆଏଶା ର.ଅଙ୍କୁ ଛାଡିବା ପାଇଁ ଅନେକ ମାଇଲ ପର୍ଯ୍ୟନ୍ତ ଚାଲି ଆସିଥିଲେ ଏବଂ ନିଜର ପୁତ୍ର ଦ୍ୱୟଙ୍କୁ ଆଦେଶ ଦେଲେ କି ସେମାନେ ହଜ଼ରତ ଆଏଶା ର.ଅଙ୍କ ସହିତ ଯାଆନ୍ତୁ ଏବଂ ଦିନକ ପରେ ଫେରି ଆସନ୍ତୁ ।

ହଜ଼ୁର ଅନୱର୍ ଅ.ବ କହିଲେ ସଫିନ୍ ଯୁଦ୍ଧ ହଜ଼ରତ ଅଲୀ ଓ ଅମୀର ମୁଆୱିୟାଙ୍କ ମଧ୍ୟରେ ୩୭ ହିଜରୀରେ ହୋଇଥିଲା । ହଜ଼ରତ ଅଲୀ ର.ଅ କୁଫାରୁ ସୈନ୍ୟ ଧରି ବାହାରିଲେ ଏବଂ ଯେତେବେଳେ ସଫିନ୍ ନାମକ ସ୍ଥାନରେ ପହଞ୍ଚିଲେ ସେତେବେଳେ ଦେଖିଲେ ଯେ, ସିରୀୟ ସୈନ୍ୟଦଳ ଅମୀର ମୁଆୱିୟାର ନେତୃତ୍ୱରେ ପୂର୍ବରୁ ସେଠାରେ ଶିବିର ଲଗାଇ ରହିଥିଲେ ଏବଂ ସେମାନଙ୍କର ଏକ ଦଳ ଫୁରାଅତ୍ ନାମକ ଦରିଆ ଘାଟକୁ ଅଧିକୃତ କରି ନେଇଥିଲା। ହଜ଼ରତ ଅଲୀ ର.ଅ ଏହି ଆଶ୍ୱାସନା ଦେଲେ କି ଆମେମାନେ ଲଢିବାକୁ ଆସି ନାହୁଁ ବରଂ ଅମୀର ମୁଆୱିୟାଙ୍କ ସହିତ ସନ୍ଧି ସ୍ଥାପନ କରିବା ପାଇଁ ଆସିଛୁ । ଏହାସତ୍ତ୍ୱେ ବି ଅମୀର ମୁଆୱିୟା ସନ୍ଧି ପାଇଁ ସହମତି ପ୍ରକାଶ କଲା ନାହିଁ । ଯୁଦ୍ଧର ପ୍ରାରମ୍ଭ ୩୭ ହିଜରୀରେ ଆରମ୍ଭ ହେଲା । ଯେତେବେଳେ ଯୁଦ୍ଧ କିଛି ସମୟ ପର୍ଯ୍ୟନ୍ତ ବିନା କୌଣସି ଦୃଢ ନିଷ୍ପତ୍ତି ବିନା ଜାରି ରହିଲା ସେତେବେଳେ ଅମୀର ମୁଆୱିୟା ହତୋତ୍ସାହିତ ହୋଇଗଲା । ଉକ୍ତ ଭୟଙ୍କର ପରିସ୍ଥିତିରେ ହଜ଼ରତ ଉମ୍ରୋ ବିନ୍ ଆସ୍ ର.ଅ ତାଙ୍କୁ ପରାମର୍ଶ ଦେଲେ କି କୁରଆନ୍‌ର ପାଣ୍ଡୁଲିପି ବର୍ଚ୍ଛାର ମୁନରେ ବାନ୍ଧନ୍ତୁ ଏବଂ କୁହନ୍ତୁ କି ଉକ୍ତ ପୁସ୍ତକାନୁଯାୟୀ ହିଁ ନିର୍ଣ୍ଣୟ ହେବା ଉଚିତ୍ । ହଜ଼ରତ ଅଲୀ ର.ଅଙ୍କ ସୈନ୍ୟଦଳର ଅନେକ ଲୋକ ଅମୀର ମୁଆୱିୟାର ପ୍ରସ୍ତାବକୁ ଗ୍ରହଣ କରିନେଲେ କି ଉଭୟପକ୍ଷରୁ ଜଣେ ଜଣେ ହକମ୍ (ନିର୍ଣ୍ଣୟକାରୀ) ମନୋନୀତ କରନ୍ତୁ ଏବଂ ଏହି ଦୁଇ ନିର୍ଣ୍ଣୟକାରୀମାନେ ମିଳିତ ଭାବରେ କୁରଆନୀୟ ନିର୍ଦ୍ଦେଶାନୁଯାୟୀ କୌଣସି ସିଦ୍ଧାନ୍ତରେ ଉପନୀତ ହୁଅନ୍ତୁ । ଇତିହାସର ପୁସ୍ତକରେ ଉକ୍ତ ଘଟଣାକୁ ତହ୍‌କିମ୍ ନାମରେ

ନାମିତ କରାଯାଏ । ସେ ଯାହା ହେଉ ନା କାହିଁକି ଶାମିମାନେ (ସିରୀୟ) ହଜ଼ରତ ଉମ୍ରୋ ବିନ୍ ଆସଙ୍କୁ ମନୋନୀତ କଲେ ଏବଂ ହଜ଼ରତ ଅଲୀ ର.ଅ ହଜ଼ରତ ଅବୁ ମୁସା ଅଶ୍ଅରୀ ର.ଅଙ୍କ ନାମ ନାମଙ୍କିତ କଲେ ଏବଂ ଚୁକ୍ତିନାମାରେ ହସ୍ତାକ୍ଷର ହେବା ପରେ ସୈନ୍ୟଦଳ ବିକ୍ଷିପ୍ତ ହୋଇଗଲେ । ଉକ୍ତ ସନ୍ଦର୍ଭଟି ଇବ୍ନେ ଅସୀର୍‌ର ଐତିହାସିକ ପୃଷ୍ଠାରୁ ଉଦ୍ଧୃତ । ହଜ଼ରତ ଖଲିଫତୁଲ୍ ମସିହ୍ ସାନି ର.ଅ ଉକ୍ତ ଘଟଣା ସଂପର୍କରେ ଏହିପରି ଭାବରେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ତହ୍‌କିମ୍ (ନିର୍ଣ୍ଣୟକାରୀ ନିଯୁକ୍ତ କରିବା) ପ୍ରକୃତରେ ହଜ଼ରତ ଉସମାନ୍ ର.ଅଙ୍କ ହତ୍ୟା ଘଟଣା ସହିତ ସଂପୃକ୍ତ ଥିଲା ଏବଂ ସର୍ତ୍ତ ଏହା ଥିଲା କି କୁରଆନ୍ ଅନୁଯାୟୀ ହିଁ ନିଷ୍ପତ୍ତି ନିଆଯିବ । କିନ୍ତୁ ଉମ୍ରୋ ବିନ୍ ଆସ୍ ଓ ଅବୁ ମୁସା ଅଶ୍ଅରୀ ଦୁହେଁ ପରାମର୍ଶ କରି ଏହି ନିଷ୍ପତ୍ତି ନେଲେ କି ସର୍ବପ୍ରଥମେ ଆମମାନଙ୍କ ପାଇଁ ଏହା ଉଚିତ୍ ହେବ କି ଆମେ ଦୁହେଁ ହଜ଼ରତ ଅଲୀ ଓ ହଜ଼ରତ ମୁଆୱିୟାକୁ ସେମାନଙ୍କର ଆଧିପତିତ୍ୱତାକୁ ସମାପ୍ତ କରିଦେବା ତା'ପରେ ଯାଇ ବିଚାର କରିବା । କିନ୍ତୁ ସେ ଯାହା ହେଉ ନା କାହିଁକି ଏହି ଦୁଇ ନିର୍ଣ୍ଣୟକାରୀମାନେ ବିଚାର ବିମର୍ଷ କରି ନିଜ ନିଷ୍ପତ୍ତିର ଘୋଷଣା କରିବା ପାଇଁ ଏକ ସର୍ବସାଧାରଣ ଜଲ୍‌ସାର ଆୟୋଜନ କଲେ ଏବଂ ହଜ଼ରତ ଉମ୍ରୋ ଇବ୍‌ନେ ଆସ୍ ହଜ଼ରତ ଅବୁ ମୁସା ଅଶ୍ଅରୀ ର.ଅଙ୍କୁ କହିଲେ କି ପ୍ରଥମେ ଆପଣ ନିଜ ନିଷ୍ପତ୍ତିର ଘୋଷଣା କରନ୍ତୁ । ମୁଁ ପରେ ନିଜ ନିଷ୍ପତ୍ତିର ଘୋଷଣା କରିବି । ସୁତରାଂ ହଜ଼ରତ ଅବୁ ମୁସା ଘୋଷଣା କଲେ ଯେ, ଆମେ ହଜ଼ରତ ଅଲୀ ର.ଅଙ୍କୁ ଖିଲାଫତରୁ ନିଲମ୍ବିତ କରିଦେଲୁ ଏବଂ ମୁଁ ମଧ୍ୟ ଉକ୍ତ କଥା ସହିତ ସମ୍ମତି ପ୍ରକାଶ କରୁଛି ଏବଂ ହଜ଼ରତ ଅଲୀ ର.ଅଙ୍କୁ ଖିଲାଫତ୍ ପଦବୀରୁ ନିଲମ୍ବିତ କରୁଛି । କିନ୍ତୁ ମୁଆୱିୟାଙ୍କୁ ମୁଁ ନିଲମ୍ବନ କରୁ ନାହିଁ । ବରଂ ତାଙ୍କର ଅମୀରତ୍ୱର ପଦବୀ ବଜାୟ ରହିଛି । ଏଥି ଅନ୍ତେ ହଜ଼ରତ ଅଲୀ ର.ଅ ଉକ୍ତ ରାୟକୁ ଅସ୍ୱୀକାର କରିଦେଲେ ଏବଂ କହିଲେ କି ନିର୍ଣ୍ଣୟକାରୀମାନେ ନା ଅମୀରତ୍ୱକୁ ନିଲମ୍ବନ କରିବା ପାଇଁ ନିଯୁକ୍ତ ହୋଇଥିଲେ ଏବଂ ନା ହିଁ ସେମାନଙ୍କର ଏଭଳି ନିଷ୍ପତ୍ତି କୁରଆନୀୟ ଆଦେଶ ଉପରେ ଆଧରିତ ଅଟେ । ପ୍ରତ୍ୟୁତ୍ତରେ ମୁଁ ଏହି ନିଷ୍ପତ୍ତିକୁ କୌଣସି ମତେ ସ୍ୱୀକାର କରିବି ନାହିଁ । ହଜ଼ରତ ଅଲୀ ର.ଅଙ୍କର ସେହି କପଟ ବିଶ୍ୱାସୀ ସୈନ୍ୟମାନେ ଯେଉଁମାନେ ନିର୍ଣ୍ଣୟକାରୀ ନିଯୁକ୍ତ କରିବା ପାଇଁ ତାଙ୍କ ଉପରେ ଚାପ ପକାଇଥିଲେ, ସେମାନେ ହଜ଼ରତ ଅଲୀ ର.ଅଙ୍କର ଏହି କଥାକୁ ସ୍ୱୀକାର କଲେ ନାହିଁ ଏବଂ ବୈଅତ୍‌ରୁ ପୃଥକ ହୋଇଗଲେ ଏବଂ ସେମାନେ ଖୱାରିଜ୍‌ର ଆଖ୍ୟା ପାଇଲେ ଏବଂ ସେମାନେ ଏହି ନିଷ୍ପତ୍ତି କଲେ କି କେହି ଆଜ୍ଞାପାଳନ ଯୋଗ୍ୟ ଖଲିଫା ନାହାନ୍ତି । ସଂଖ୍ୟା ବହୁଳ ମୁସଲମାନ୍‌ମାନଙ୍କ ମତାମତ ଅନୁଯାୟୀ କୌଣସି ପ୍ରସଙ୍ଗରେ କାର୍ଯ୍ୟକାରୀ କରାଯିବ । କାରଣ ଅଲ୍ଲାଃତାଲାଙ୍କ ବ୍ୟତୀତ କୌଣସି ଏକ ବ୍ୟକ୍ତିକୁ ଆଜ୍ଞାପାଳକ ଯୋଗ୍ୟ ଖଲିଫା ରୂପେ ସ୍ୱୀକାର କରିବା ନିୟମ ବିରୁଦ୍ଧୀୟ ଅଟେ ।"

ହୁଜ୍ଜୁର ଅନୱର୍ ଅ.ବ କହିଲେ: ନହର୍‌ୱାନ୍ ଯୁଦ୍ଧ ଯାହା କି ୩୮ ହିଜରୀରେ ହୋଇଥିଲା, ଯାହାକି ହଜ଼ରତ ଅଲୀ ର.ଅ ଓ ଖୱାରିଜ୍‌ଙ୍କ ମଧ୍ୟରେ ହୋଇଥିଲା । ସଫିନ୍ ଯୁଦ୍ଧକୁ ନେଇ ହଜ଼ରତ ଅଲୀ ର.ଅ ଓ ତାଙ୍କ ସେନାର ଏକ ଦଳ ମଧ୍ୟରେ ମତପାର୍ଥକ୍ୟ ସୃଷ୍ଟି ହୋଇଥିଲା । ଯେଉଁମାନେ ବିଦ୍ରୋହ କରି ପୃଥକ ହୋଇଗଲେ ଏବଂ ଖୱାରିଜ୍ ବୋଲାଇଲେ । ସେହି ଖୱାରିଜ୍‌ମାନେ ହଜ଼ରତ ଅଲୀ ର.ଅଙ୍କୁ ତୌବା (କ୍ଷମା ପ୍ରାର୍ଥନା) ଏବଂ ଖିଲାଫତରୁ ନିଲମ୍ବନତା ଦାବି କଲେ ସେତେବେଳେ ହଜ଼ରତ ଅଲୀ ର.ଅ ସ୍ପଷ୍ଟ ରୂପେ ଏହାକୁ ପ୍ରତ୍ୟାଖ୍ୟାନ କଲେ । ଏହିଭଳି ପରିସ୍ଥିତିକୁ ଦେଖି ହଜରତ ଅଲୀ ର.ଅ ସିରୀୟା ଯିବାର ଇଚ୍ଛାକୁ ପରିତ୍ୟାଗ କରିଦେଲେ ଏବଂ ପ୍ରାୟ ୬୫,୦୦୦ ହଜ଼ାର ସଂଖ୍ୟକ ସୈନ୍ୟଦଳକୁ ଧରି ଯାହାକି ସିରୀୟା ଅଭିମୁଖେ ଯିବା ପାଇଁ ପ୍ରସ୍ତୁତ ଥିଲେ, ତାହାକୁ ଧରି ସେ ଖୱାରିଜ୍ ସଂପ୍ରଦାୟର ମୁକାବିଲା ପାଇଁ ବାହାରିଲେ । ଯେତେବେଳେ ହଜ଼ରତ ଅଲୀ ର.ଅ ନହର୍‌ୱାନ୍ ନାମକ ସ୍ଥାନରେ ପହଞ୍ଚିଲେ ସେତେବେଳେ ହଜରତ ଅଲୀ ର.ଅ ଖୱାରିଜ୍ ଗୋଷ୍ଠୀକୁ ସନ୍ଧି ପାଇଁ ଆମନ୍ତ୍ରିତ କଲେ । ଉକ୍ତ ସନ୍ଧିର ଘୋଷଣା ଶୁଣି ଖୱାରିଜ୍ ଯାହାଙ୍କର ସଂଖ୍ୟା ୪୦୦୦ ହଜ଼ାର ଥିଲା । ତନ୍ମଧ୍ୟରୁ ୧୦୦ ଜଣ ହଜ଼ରତ ଅଲୀ

ର.ଅଙ୍କ ସହିତ ସାମିଲ୍ ହୋଇଗଲେ ଏବଂ ଏକ ବଡ଼ ସଂଖ୍ୟାକ ସୈନ୍ୟଦଳ କୁଫାକୁ ଫେରି ଯାଇଥିଲା । କେବଳ ୧୮୦୦ ଜଣ ବ୍ୟକ୍ତି ଅବ୍ଦୁଲ୍ଲାଃ ବିନ୍ ୱହବ୍ ଖାର୍‌ଜିଙ୍କ ନେତୃତ୍ୱରେ ଆଗକୁ ଅଗ୍ରସର ହେଲେ ଏବଂ ହଜ଼ରତ୍ ଅଲୀ ର.ଅଙ୍କ ୬୫୦୦୦ ସୈନ୍ୟଦଳ ସହିତ ଯୁଦ୍ଧ କଲେ । ଯେଉଁଥିରେ ସମସ୍ତ ଖୱାରିଜ୍‌ମାନେ ନିହତ ହୋଇଥିଲେ । ହଜ଼ରତ ଅଲୀ ର.ଅଙ୍କ ସୈନ୍ୟଦଳରୁ ୭ ଜଣ ବ୍ୟକ୍ତି ଶହୀଦ୍ ହୋଇଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ : ସେ ଯାହା ହେଉ ନା କାହିଁକି ହଜ଼ରତ ଅଲୀ ର.ଅଙ୍କ ସଂପର୍କିତ ଉକ୍ତ ଚର୍ଚ୍ଚାଟି ବର୍ତ୍ତମାନ ଅବ୍ୟାହାତ ରହିଛି **ଇନ୍‌ଶାଅଲ୍ଲାଃ** ଏହାର ଅବଶିଷ୍ଟାଂଶ ଆସନ୍ତା ସପ୍ତାହରେ ଚର୍ଚ୍ଚା ହେବ । ଆଜି ମଧ୍ୟ ମୁଁ ପାକିସ୍ତାନ ଓ ଉପଦ୍ୱୀପରେ ବସବାସ କରୁଥିବା ଅହେମଦିମାନଙ୍କ ପାଇଁ ମଧ୍ୟ ଦୁଆ କରିବାକୁ ଆହ୍ୱାନ ଦେଉଛି । ଉପଦ୍ୱୀପରୁ ଏକ ଭଲ ଖବର ରହିଛି ଯେ, ବିଗତ କିଛି ଦୁଇ ତିନି ଦିନ ହେଲା ବିଭିନ୍ନ ନ୍ୟାୟାଳୟ ମିଥ୍ୟା ଆରୋପରେ ଗିରଫ ହୋଇଥିବା ଅହେମଦିମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛି । ପାକିସ୍ତାନର କେତେକ ଉଚ୍ଚ ପଦାଧିକାରୀମାନେ ଏବଂ ନ୍ୟାୟପ୍ରିୟ ସ୍ୱଭାବୀୟ ବ୍ୟକ୍ତିମାନେ ଯେଉଁମାନେ ନ୍ୟାୟ ଠାରୁ ଦୂରେଇ ରହିଛନ୍ତି ଏବଂ ନିଜର କ୍ଷମତାର ଅବୈଧ ତଥା ଦୁରୁପଯୋଗ କରୁଛନ୍ତି ସେମାନଙ୍କୁ ମଧ୍ୟ ଅଲ୍ଲାଃତାଲା ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ସେମାନେ ନିଜ ହୃଦୟ ମଧ୍ୟରେ ଥିବା ବିଦ୍ୱେଷ ଭାବକୁ ଫିଙ୍ଗି ଦେଇ ଘଟଣାର ସତ୍ୟାସତ୍ୟକୁ ଅନୁଧ୍ୟାନ କରନ୍ତୁ । ଯେଉଁ ବ୍ୟକ୍ତିଙ୍କର ସଂସ୍କାର ଅଲ୍ଲାଃତାଲାଙ୍କ ନିକଟରେ ନିୟତିକୃତ ନୁହେଁ ଅଲ୍ଲାଃତାଲା ସେମାନଙ୍କୁ ଧରିବା ପାଇଁ ମଧ୍ୟ ମାଧ୍ୟମ ସୃଷ୍ଟି କରନ୍ତୁ ଏବଂ ଅହେମଦିମାନଙ୍କ ପାଇଁ ପାକିସ୍ତାନରେ ମଧ୍ୟ ଶାନ୍ତି ଓ ସଦ୍‌ଭାବନାର ପରିବେଶ ସୃଷ୍ଟି କରି ଦିଅନ୍ତୁ । ପାକିସ୍ତାନରେ ବସବାସ କରୁଥିବା ଅହେମଦିମାନେ ବିଶେଷ କରି ନୱାଫିଲ୍ ନମାଜ୍ ଏବଂ ଦୁଆ ଉପରେ ଅଧିକ ମନଯୋଗ କରନ୍ତୁ । ଏହି ଦୁଆଗୁଡ଼ିକ ମଧ୍ୟ ଅଧିକ ଆବୃତ୍ତି କରନ୍ତୁ **ରବ୍‌ବି କୁଲ୍ଲୁ ଶୈଇନ୍ ଖାଦିମୁକା ରବ୍‌ବି ଫାହ୍‌ଫଜ଼୍‌ନି ୱନ୍‌ସୁର୍‌ନି ୱର୍‌ହମ୍‌ନି । ଅଲ୍ଲାଃହୁମ୍ମା ଇନ୍ନା ନଜ୍‌ଅଲୁକା ଫି ନୁହୁରିହିମ୍ ୱ ନାଉଜୁ ବିକା ମିନ୍ ଶୁରୁ ରିହିମ୍** ମଧ୍ୟ ଅଧିକ ପଢନ୍ତୁ । ଇସ୍ତେଗ୍‌ଫାର୍ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ । ଦୁରୁଦ୍ ଶରୀଫ୍ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ । ଆଜିକାଲି ଏହାର ମଧ୍ୟ ଅଧିକ ଆବଶ୍ୟକତା ରହିଛି । ନୱାଫିଲ୍ ମଧ୍ୟ ସମ୍ପାଦନ କରନ୍ତୁ । ଯେପରି ମୁଁ କହିଲି କି ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଖୁବ୍ ଶୀଘ୍ର ସେଠାର ପରିସ୍ଥିତିକୁ ସାମାନ୍ୟ କରି ଦିଅନ୍ତୁ ।

ଖୁତ୍‌ବାର ଶେଷରେ ହୁଜୁର ଅନୱର୍ ଅ.ବ ସମ୍ମାନନୀୟ ସ୍ୱର୍ଗତା ହୁଦ୍ଦା ଅବ୍‌ବାସ୍ ସାହେବା, ସମ୍ମାନନୀୟ ସ୍ୱର୍ଗତ ରିଜ଼୍‌ୱାନ୍ ସଇଦ୍ ନଇମ୍ ସାହେବଙ୍କର, ସମ୍ମାନନୀୟ ସ୍ୱର୍ଗତ ମଲକ୍ ଅଲୀ ମୁହମ୍ମଦ୍ ସାହେବଙ୍କର, ସମ୍ମାନନୀୟ ସ୍ୱର୍ଗତ ଏହ୍‌ସାନ୍ ଅହେମଦ ଲାହୋର୍‌ଙ୍କର, ସମ୍ମାନନୟ ସ୍ୱର୍ଗତ ରିୟାଜୁଦ୍ଦୀନ ଶମ୍‌ଶ୍ ସାହେବଙ୍କ ଉତ୍ତମ ଗୁଣାବଳୀର ଚର୍ଚ୍ଚା କଲେ ଏବଂ ନମାଜ଼ ଜୁମା ପରେ ଏମାନଙ୍କର ନମାଜ଼ ଯନାଜାଃ ଗାଏବ୍ ପଢେଇବାର ଘୋଷଣା କଲେ ।

.........................

KHULASA KHUTBA JUMA HUZOOR ANWAR a.b.a
25th Dec. 2020